# ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା

# ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ରାୟଗଡ

## ବ୍ଲକ ସ୍ତରୀୟ ଜନଶୁଣାଣି

ରାୟଗଡ ଜିଲ୍ଲାର ଗ୍ରାମାଂଚଳରେ ବସବାସ କରୁଥିବା ଜନସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୨୦୧୭-୧୮ ଆର୍ଥିକ ବର୍ଷର ଏପ୍ରିଲ୍ ମାସ ଠାରୁ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ସମ୍ପାଦିତ ହୋଇଥିବା ସମସ୍ତ କାର୍ଯ୍ୟ ଗୁଡିକର ବ୍ଲକ ସ୍ତରୀୟ ଜଣଶୁଣାଣି ପାଇଁ ଓସାଟ୍ (OSSAAT) ଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟସୂଚୀ ପ୍ରକାରେ ଦିନ, ସମୟ ଓ ସ୍ଥାନ ଧାର୍ଯ୍ୟ କରାଯାଇଛି ।

ଏହି ଜନଶୁଣାଣୀ କାର୍ଯ୍ୟକ୍ରମରେ ସମସ୍ତ ଜନସାଧାରଣ, ଅଣକୁଶଳୀ ଶ୍ରମିକ, ହିତାଧିକାରୀ, ଯୋଜନା ସହିତ ସଂପୃକ୍ତ ଥିବା ସଂଗଠନ, ବିଭିନ୍ନ ସରକାରୀ ବିଭାଗ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ତ୍ରିସ୍ତରୀୟ ପଂଚାୟତିରାଜର ନିର୍ବାଚିତ ପ୍ରତିନିଧି ମାନେ ଅଂଶଗ୍ରହଣ କରିବାକୁ ଅନୁରୋଧ ।

ରାୟଗଡ ଜିଲ୍ଲା ପ୍ରଶାସନ ତରଫରୁ ଆପଣମାନଙ୍କୁ ଅନୁରୋଧ କରାଯାଉଛି କି, ଏହି ବ୍ଲକ ସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦାନ କରି ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର କାର୍ଯ୍ୟକାରିତାରେ ସ୍ୱଚ୍ଛତା, ଉତରଦାୟିତ୍ୱ ସୁନିଶ୍ଚିତ କରିବା ଓ ଯୋଜନାକୁ ସଫଳତାର ସହିତ ଆଗେଇ ନେବାପାଇଁ ଆପଣମାନଙ୍କର ସହଭାଗିତାର ବହୁମୂଲ୍ୟ ମତାମତ ଓ ଆପତି ଅଭିଯୋଗ ଉପସ୍ଥାପନା କରିବା ହେବେ ।

| କ୍ରମିକ ନଂ | ବ୍ଲକର ନାମ | ତାରିଖ | ସମୟ (ପୂର୍ବାହ୍ନ) | ସ୍ଥାନ | ଜନ ଶୁଣାଣି କରିବା ନିମନ୍ତେ କ୍ଷମତାପ୍ରାପ୍ତ ଅଧିକାରୀ |
|---|---|---|---|---|---|
| ୧ | ଗୁଣୁପୁର | ୨୩.୦୨.୧୮ | ୧୧.୦୦ | ପଂଚାୟତ ସମିତି ପରିସର | ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଗୁଣୁପୁର |
| ୨ | କୋଲନରା | ୨୮.୦୨.୧୮ | | | ଉପ-ଜିଲ୍ଲାପାଳ, ରାୟଗଡ |
| ୩ | ପଦ୍ମପୁର | ୦୮.୦୩.୧୮ | | | ଉପ-ଜିଲ୍ଲାପାଳ, ଗୁଣୁପୁର |
| ୪ | ରାମନାଗୁଡା | ୦୯.୦୩.୧୮ | | | ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଗୁଣୁପୁର |
| ୫ | ରାୟଗଡ | ୧୪.୦୩.୧୮ | | | ଅତିରିକ୍ତ ଜିଲ୍ଲାପାଳ, ରାୟଗଡ |

ସ୍ୱା - ପ୍ରକଳ୍ପ ନିର୍ଦ୍ଦେଶକ
ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ରାୟଗଡ

ସ୍ୱା-ଜିଲ୍ଲାପାଳ ତଥା ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ
ରାୟଗଡ